# ବିଏମ୍‌ସିର ତ୍ରିସ୍ତରୀୟ ମନିଟରିଂ ବ୍ୟବସ୍ଥା ଆରମ୍ଭ

ବ୍ରହ୍ମପୁର ଅଫିସ,୨୦।୭

ବ୍ରହ୍ମପୁରରେ କରୋନା ସ୍ଥିତି ମୁକାବିଲା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତ୍ରିସ୍ତରୀୟ ମନିଟରିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଏନେଇ ବିଏମ୍‌ସି କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଲସେଣ୍ଟର ଆରମ୍ଭ ହୋଇଛି। ଏଥିରେ ୧୬ ଭଲ୍ୟୁଣ୍ଟରଙ୍କୁ ନିୟୋଜିତ କରାଯାଇଛି। ଭଲ୍ୟୁଣ୍ଟରମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୮୬୧୮ କୋମରବିଡ୍(ମୃତ୍ୟୁ ହେବାର ଆଶଙ୍କା ରହିଥିବା ବ୍ୟକ୍ତି)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ କରୋନାରୁ ରକ୍ଷା ପାଇବା ଦିଗରେ ସଚେତନତା ଅବଲମ୍ବନ କରିବା ଦିଗରେ ଅବଗତ କରାଯାଉଥିବା ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୋମବାର ଟୁଇଟ୍ ଦ୍ୱାରା ସୂଚାଇଛନ୍ତି। ଏଥିସହ କୋଭିଡ୍ ମନିଟର ତଥା ସ୍ୱେଚ୍ଛାସାଥିଙ୍କ ଦ୍ୱାରା କୋମରବିଡ୍ ବ୍ୟକ୍ତିଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ମଧ୍ୟ ଆରମ୍ଭ ହୋଇଥିବା କମିଶନର ଟୁଇଟ୍‌ରେ ସୂଚାଇଛନ୍ତି। ଏହାବ୍ୟତିତ ବର୍ତ୍ତମାନ ସହରରେ ୧୪୬କରୋନା ସଂକ୍ରମିତ ବ୍ୟକ୍ତି ହୋମ ଆଇସୋଲେଶନରେ ରହିଛନ୍ତି । ହୋମ ଆଇସୋଲେଶନ ଓ ଇନ୍‌ଷ୍ଟିଚ୍ୟୁସନାଲ ଆଇସୋଲେଶନରେ ରହିଥିବା ଏହି ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମନିଟରିଂ କରିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ୮ ଜଣିଆ ଡାକ୍ତର ଟିମ୍ ନିୟୋଜିତ ହୋଇଥିବା ମଧ୍ୟ ବିଏମ୍‌ସି ପକ୍ଷରୁ ସୂଚାଯାଇଛି ।

**■ଖୋଲିଲା ସ୍ୱତନ୍ତ୍ର କଲ ସେଣ୍ଟର**
**■ସ୍ୱାସ୍ଥ୍ୟ ମନିଟରିଂ କଲେ ଭଲ୍ୟୁଣ୍ଟର**




ବିଏମସି କମିଶନରଙ୍କ ଟୁଇଟ୍ ।

## ସିଟି ହସ୍ପିଟାଲରେ ଟେଲି ମେଡିସିନ ସେବା

ବ୍ରହ୍ମପୁର ମହାନଗରର ଥଣ୍ଡା, କାଶ ତଥା ଅନ୍ୟାନ୍ୟ ରୋଗୀଙ୍କ ପାଇଁ ସିଟି ହସ୍ପିଟାଲରେ ଟେଲି ମେଡିସିନ ସେବା ସୋମବାରରୁ ଆରମ୍ଭ ହୋଇଛି। କରୋନା ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ସାଧାରଣ, ଜ୍ୱର, ଥଣ୍ଡା, କାଶ ତଥା ଅନ୍ୟ ରୋଗୀଙ୍କ ପାଇଁ ଓପିଡି ବନ୍ଦ ରହିଥିବା ବେଳେ ଚିକିତ୍ସା ପାଇଁ ଆସୁଥିବା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବଡ ମେଡିକାଲ ଭଳି ସିଟି ହସ୍ପିଟାଲରେ ମଧ୍ୟ ଟେଲି ମେଡିସିନ ସେବା ଆରମ୍ଭ କରାଯାଇଛି । ଏଥିରେ ଭେଷଜ, ସ୍ତ୍ରୀ ରୋଗ, ଶଲ୍ୟ ଓ ଶିଶୁରୋଗ ସମ୍ପର୍କରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୪ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟେଲିଫୋନ୍ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ । ପ୍ରଥମ ପର୍ଯ୍ୟାୟରେ ସିଟି ହସ୍ପିଟାଲରେ ଯୋଗାଯୋଗ ପାଇଁ ୪ ଟେଲିଫୋନ୍ ନଂ. ଜାରି କରାଯାଇଛି ବୋଲି ବିଏମ୍‌ସି କମିଶନର ଟୁଇଟ୍ ମାଧ୍ୟମରେ ସୂଚାଇଛନ୍ତି। ଅନ୍ୟପକ୍ଷରେ ଏଥିସହ ସହରରେ ଦେୟଯୁକ୍ତ ଟେଲିମେଡିସିନ୍ ସେବା ମଧ୍ୟ ଶୁଭାରମ୍ଭ ହୋଇଥିବା ସେ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ।




ବିଏମ୍‌ସି କମିଶନରଙ୍କ ଟୁଇଟ୍।

## ପରିତ୍ୟକ୍ତ କୂଅରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କବିସୂର୍ଯ୍ୟନଗର,୨୦।୭

କବିସୂର୍ଯ୍ୟନଗର ଏନ୍‌ଏସି ମହାମାୟୀ ବଜାର ମଧ୍ୟରେ ଥିବା ଏକ ପରିତ୍ୟକ୍ତ କୂଅରୁ ସୋମବାର ସକାଳେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ମାଳତୀ ମାଝି (୮୫)। ମାଳତୀ ଦୀର୍ଘ ୨୦ ବର୍ଷ ଧରି କବିସୂର୍ଯ୍ୟନଗର ଏନ୍‌ଏସିର ୮ ନଂ. ୱାର୍ଡରେ ନିଜ ଝିଅ ଘରେ ରହୁଥିଲେ। ଆଈ ନିଖୋଜ ଥିବା ନେଇ ନାତି ଗତଶୁକ୍ରବାର କବିସୂର୍ଯ୍ୟନଗର ଥାନାରେ ମୌଖିକ ଭାବେ ଜଣାଇଥିଲେ।କୂଅରେ ମୃତଦେହ ପଡ଼ିଥିବା ସୋମବାର ଖବର ପାଇବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କରୋନା ଲାଗି ବଜାରକୁ ସିଲ କରି ଦିଆଯାଇଥିବା ବେଳେ ବୃଦ୍ଧା ଜଣକ କିପରି ସେଠାରେ ପହଞ୍ଚିଲେ ନା ତାଙ୍କୁ ମାରି ପକାଇ ଦିଆଯାଇଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

**ସଂକ୍ଷେପରେ**

## ୨ ଯୋଦ୍ଧାଙ୍କ ସହ ଫୋନ୍‌ରେ ଆଲୋଚନା କଲେ ଜିଲାପାଳ

ନବରଙ୍ଗପୁର,୨୦।୭(ବି.ପ୍ର.): କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଚିକିତ୍ସାଧୀନ ୨ କରୋନା ଯୋଦ୍ଧାଙ୍କ ସହ ମୋବାଇଲ୍ ଯୋଗେ ଆଲୋଚନା କରିଛନ୍ତି। ୨ କରୋନା ଯୋଦ୍ଧାଙ୍କ ମଧ୍ୟରେ ଜଣେ ଡାକ୍ତର ଏବଂ ଅନ୍ୟଜଣେ ମ୍ୟାଲେରିଆ ବିଭାଗର କର୍ମଚାରୀ। ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା ଠିକ୍ ଥିବା ଡାକ୍ତର ଜିଲାପାଳଙ୍କୁ ଜଣାଇଛନ୍ତି। ଦୈନିକ ୪ଥର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଏବଂ କୋଠରିକୁ ସାନିଟାଇଜ୍, କରାଯାଉଥିବା ଦୁହେଁ ପ୍ରକାଶ କରିଥିବା ଜଣାପଡ଼ିଛି। ସେହିପରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପ୍ରକାଶ କରିଛନ୍ତି। ସରକାର ଓ ଜିଲା ପ୍ରଶାସନର ଉପଯୁକ୍ତ ପରିଚାଳନା ଯୋଗୁ ସେମାନେ କୃତଜ୍ଞତା ଜଣାଇଥିବା ଜିଲାପାଳ କହିଛନ୍ତି।

## ସାମ୍ବାଦିକ ଭବନ ପାଇଁ ଜାଗା ଚିହ୍ନଟ

ମୁନିଗୁଡ଼ା,୨୦।୭(ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ପ୍ରସ୍ତାବିତ ସାମ୍ବାଦିକ ଭବନ ନିମନ୍ତେ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ମୁନିଗୁଡ଼ା ପ୍ରେସ୍ କ୍ଲବ୍ ସଭାପତି ରାଜୀବ ଲୋଚନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ଜିଲା ପରିଷଦ ସଭ୍ୟ ରାମ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଭ୍ୟ ଗୌରାଙ୍ଗ ଚରଣ ରାଉତଙ୍କ ଉପସ୍ଥିତ ରହି ଚିହ୍ନଟ ଜାଗାରେ ଶୁଭ ଦେଇଥିଲେ। ସାମ୍ବାଦିକ ଭବନ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଜିଲା ପରିଷଦ ପାଣ୍ଠିରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜିଲା ପରିଷଦ ସଭ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ଅଞ୍ଚଳର ବହୁ ଖବରଦାତା ଉପସ୍ଥିତ ଥିଲେ।

## ପଦ୍ମନାଭପୁରରେ ୫ ପଜିଟିଭ,ଶଟ୍‌ଡାଉନ ଘୋଷଣା

ଦିଗପହଣ୍ଡି,୨୦।୭(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗାଁର ୫ ବ୍ୟକ୍ତି ପଜିଟିଭ ଚିହ୍ନଟ ନେଇ ରିପୋର୍ଟ ମିଳିବା ପରେ ସମଗ୍ର ଗାଁକୁ ସ୍ଥାନୀୟ ପ୍ରଶାସନ ଅନୁମତିକ୍ରମେ ସରପଞ୍ଚ ରବିବାର ସନ୍ଧ୍ୟାରୁ ୧୨ ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ଦୂରତା ରକ୍ଷା ପୂର୍ବକ ଆୟୋଜିତ ବୈଠକରେ ବ୍ୟବସାୟୀ, ସାମାଜିକ କର୍ମୀ, କର୍ମଚାରୀ, ୱାର୍ଡ ସଭ୍ୟଙ୍କ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଶଟଡାଉନ୍ ପ୍ରସ୍ତାବ ଗୃହୀତ ହୋଇଛି। ସେ ଏନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଶଟଡ଼ାଉନ୍ ସମୟରେ ଜରୁରୀ ସେବା ଯୋଗାଉଥିବା ସଂସ୍ଥା ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଅବମାନନା କଲେ ରେଡକ୍ରସ ପାଣ୍ଠି ନିମନ୍ତେ ଜରିମାନା ଆଦାୟ କରାଯିବ। ପୂର୍ବରୁ ଗାଁରେ ୫ ପଜିଟିଭ ଚିହ୍ନଟ ହୋଇଥିଲେ। ଜୁନ ୨୫ ତାରିଖରୁ ୨ ଟି ପର୍ଯ୍ୟାୟରେ ଗାଁକୁ ସମ୍ପୂର୍ଣ୍ଣ ଶଟଡାଉନ୍ ଘୋଷଣା କରାଯାଇଥିଲା।

# କୋରାପୁଟ ଜିଲାରୁ ଦିନକରେ ୪୧ ପଜିଟିଭ

କୋରାପୁଟ/ଜୟପୁର, ୨୦।୭ (ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.):

କୋରାପୁଟ ଜିଲାରେ ଦିନକରେ ୪୧ ପଜିଟିଭ ଚିହ୍ନଟ ହୋଇଥିବା ସୋମବାର ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୦୮ରେ ପହଞ୍ଚିଛି। ନୂତନ ୪୧ ସଂକ୍ରମିତଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ୯ଜଣ ଚିହ୍ନଟ ହୋଇଥିବାବେଳେ ୨୦ଜଣ ଗୃହ ସଙ୍ଗରୋଧରେ ଥିବା ସମୟରେ ଚିହ୍ନଟ ହୋଇଛନ୍ତି। ସେହିପରି ୧୨ଜଣ ଅନ୍ୟ ସଂସ୍ପର୍ଶରେ ଆସି ପଜିଟିଭ ବାହାରିଛନ୍ତି। ୪୧ ଜଣଙ୍କ ମଧ୍ୟରୁ ଲକ୍ଷ୍ମୀପୁର ବ୍ଲକ୍ ଅଞ୍ଚଳରୁ ୨୦ଜଣ, କୋରାପୁଟ ପୌରାଞ୍ଚଳରୁ ୩(ହାଟପଦାରୁ ଜଣେ, ଅଗ୍ନିଶମ କାର୍ଯ୍ୟାଳୟ ଅଞ୍ଚଳରୁ ଜଣେ, ଗୌତମ ନଗରରୁ ଜଣେ), ଜୟପୁର ପୌରାଞ୍ଚଳରୁ ୧୦(ଭୁପତି ସାହିରୁ ୩, ଢେପଗୁଡ଼ାରୁ ଜଣେ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨, ଗଡ଼ିଆ ଧୋବା ସାହିରୁ ଜଣେ, କେଳା ସାହିରୁ ଜଣେ, ମହାରାଣିପେଟାରୁ ୨) ଜୟପୁର ବ୍ଲକ୍‌ରୁ ୩, ଦାମନଯୋଡ଼ିରୁ ୩, ବୋରିଗୁମ୍ମା ବ୍ଲକ୍ ସାମନ୍ତଗୁଡାରୁ ଜଣେ, ବୈପାରିଗୁଡା ବ୍ଲକ୍‌ର ରାମଗିରିରୁ ଜଣେ ରହିଥିବା ଜଣାପଡ଼ିଛି।

## ଜିଲା ଚିକିତ୍ସାଳୟ ୪୮ଘଣ୍ଟା ବନ୍ଦ

**୨ କର୍ମଚାରୀ ସଂକ୍ରମିତ**

ଜୟପୁର,୨୦।୭(ନି.ପ୍ର./ଡି.ଏନ୍.ଏ): କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଚିକିତ୍ସାଳୟର ୨ ଅସ୍ଥାୟୀ ମହିଳା କର୍ମଚାରୀ କରୋନା ସଂକ୍ରମିତ ଜଣାପଡ଼ିବା ପରେ ଜିଲା ଚିକିତ୍ସାଳୟକୁ ୪୮ଘଣ୍ଟା ପାଇଁ ବନ୍ଦ କରାଯାଇଛି। ଗୁରବାର ପର୍ଯ୍ୟନ୍ତ ଚିକିତ୍ସାଳୟ ବନ୍ଦ ରହିବ ବୋଲି ଜଣାପଡ଼ିଛି। ଏହି ସମୟରେ ଚିକିତ୍ସାଳୟର ସମସ୍ତ କକ୍ଷ, ଭବନ, କାର୍ଯ୍ୟାଳୟକୁ ସାନିଟାଇଜ୍ କରାଯାଇଛି । ସେହିପରି ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ କର୍ମଚାରୀମାନଙ୍କ ମଧ୍ୟ ସ୍ୱାବ୍ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି। ସେହିପରି ଆଉଟଡୋରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ସେହିପରି ଇନ୍‌ଡୋର୍‌ରେ ଚିକିତ୍ସିତ ୨୫ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୦ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ଡିସ୍‌ଚାର୍ଜ କରାଯାଇଛି। ତେବେ ସ୍ତ୍ରୀ ଓ ପ୍ରସୁତି ବିଭାଗ ଏବଂ ଜରୁରୀକାଳୀନ ବିଭାଗ ଖୋଲାରହିବ। ଆବଶ୍ୟକତାକୁ ଦେଖି ରୋଗୀଙ୍କ ଚିକିତ୍ସା କରାଯିବ ବୋଲି ସିଡିଏମ୍‌ଓ ମକରନ୍ଦ ବେଉରା ସୂଚନା ଦେଇଛନ୍ତି।

# ସାବତ ମା'ଙ୍କୁ ତଣ୍ଟି ଚିପି ହତ୍ୟା

ନବରଙ୍ଗପୁର୨୦।୭(ବି.ପ୍ର.):

ଘରୋଇ କଳିକୁ ନେଇ ସାବତ ମା'ଙ୍କୁ ହତ୍ୟା। ଏପରି ଏକ ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଥାନା ଅଧୀନ ଗାଦବାଗୁଡ଼ାରେ। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟ ନିକଟରେ ରହୁଥିବା ଶ୍ରୀଧର ମହାପାତ୍ର ପ୍ରଥମ ସ୍ତ୍ରୀଙ୍କର ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ତେବେ ସୋମବାର ସକାଳେ ପ୍ରଥମ ସ୍ତ୍ରୀଙ୍କ ପୁଅ ସୂର୍ଯ୍ୟକାନ୍ତ ଦ୍ୱିତୀୟ ସ୍ତ୍ରୀ ରୁନୀ(୫୦)ଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶ୍ରୀଧରଙ୍କ ପ୍ରଥମ ସ୍ତ୍ରୀଙ୍କ ୨ଝିଅ, ୨ପୁଅ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ଜଣେ ଦିବ୍ୟାଙ୍ଗ ପୁଅ ରହିଛନ୍ତି। ଝିଅମାନଙ୍କ ବିବାହ ସରିଥିବାବେଳେ ବଡ଼ପୁଅ ବାହାରେ କାମ କରୁଛନ୍ତି। ତେବେ ଶ୍ରୀଧରଙ୍କ ନିକଟରେ ରୁନୀ, ତାଙ୍କ ପୁଅ ଆଶୁତୋଷ ଏବଂ ପ୍ରଥମ ସ୍ତ୍ରୀଙ୍କ ସାନପୁଅ ସୂର୍ଯ୍ୟକାନ୍ତ ରହୁଥିଲେ। କିଛିଦିନ ଗାଦବାଗୁଡ଼ା ସାହିରେ ଭଡ଼ାରେ ରହିବା ପରେ ବର୍ଷେ ହେଲା ନୂଆ ଘର ତିଆରି କରି ସେଠାରେ ରହୁଥିଲେ। ସୋମବାର ସକାଳେ ଶ୍ରୀଧର ଟ୍ରାଫିକ ଛକ ନିକଟସ୍ଥ ନିଜ ହୋଟେଲକୁ ଯାଇଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଆଶୁତୋଷ ବାପାକୁ ଫୋନ୍ କରି ହତ୍ୟାକାଣ୍ଡ ବିଷୟରେ ଜଣାଇଥିଲେ। ସୂର୍ଯ୍ୟକାନ୍ତ ଗାମୁଛା ସାହାଯ୍ୟରେ ମା'ଙ୍କ ତଣ୍ଟି ଚିପି ହତ୍ୟା କରିଥିବା କହିଥିଲେ। ଖବର ପାଇ ନବରଙ୍ଗପୁର ଥାନା ଆଇଆଇସି ତାରିକ ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ ପହଞ୍ଚି ମୃତଦେହ ଜବତ କରିବା ସହ ସୂର୍ଯ୍ୟକାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ତେବେ ନୂଆ ଘର ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ପଞ୍ଜୀକରଣ କରିବାକୁ ନେଇ ପ୍ରଥମ ସ୍ତ୍ରୀଙ୍କ ଝିଅ ଏବଂ ପୁଅ ମିଶି ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ସୁଯୋଗ ପାଇ ହତ୍ୟା କରିଛନ୍ତି ବୋଲି ଶ୍ରୀଧର ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ୧୭୦/୨୦ରେ ଏକ ମାମଲା ରୁଜୁ ହୋଇଛି।

## ସୀମାନ୍ତ ଅଞ୍ଚଳରେ ପୋଲିସ-ମାଓବାଦୀ ଗୁଳି ବିନିମୟ

### ୩୦୩ ରାଇଫଲ୍, ୫ କିଟ୍ ଜବତ

ମାଲକାନଗିରି,୨୦।୭(ସ୍ୱ.ପ୍ର.): ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଲାଣ୍ଡଲୁ ନିକଟ ଜଙ୍ଗଲରେ ରବିବାର ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବାବେଳେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ସୂଚନା ମିଳିଛି। ତେବେ ଘଟଣାସ୍ଥଳରୁ ଆନ୍ଧ୍ର ପୋଲିସ ଗୋଟିଏ ୩୦୩ ରାଇଫଲ୍ ଏବଂ ୫ କିଟ୍ ବ୍ୟାଗ୍ ଜବତ କରିଛି। ଦୀର୍ଘ ୨ଘଣ୍ଟା ଧରି ଗୁଳି ବିନିମୟ ଘଟିଥିବାବେଳେ ଆନ୍ଧ୍ର ଗ୍ରେହାଉଣ୍ଡ ପକ୍ଷରୁ ଚାରିପଟୁ ଘେରାଉ କରୁଥିଲେ। କିନ୍ତୁ ମାଓବାଦୀମାନେ ଏହା ଜାଣିପାରି ଗୁଳିମାଡ଼ କରି ଛତ୍ରଭଙ୍ଗ ଦେଇଥିଲେ। ସୂଚନାଯୋଗ୍ୟ ୧୬ତାରିଖରେ ମାଲକାନଗିରି ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ସେଠାରେ ମାଓବାଦୀମାନେ ଛତ୍ରଭଙ୍ଗ ଦେବାପରେ ଆନ୍ଧ୍ରପ୍ରଦେଶ ମୁହାଁ ହୋଇ ଲୁଚି ରହିଥିଲେ। ଆନ୍ଧ୍ରପ୍ରଦେଶ ପୋଲିସ ସେମାନଙ୍କ ଉପରେ ନଜର ରଖିଥିବାବେଳେ ପୁଣି ମାଓବାଦୀମାନେ ଖସିଯିବାରେ ସଫଳ ହୋଇଛନ୍ତି।

## ମାଲକାନଗିରିରେ ୪ ନୂଆ କରୋନା ପଜିଟିଭ

ମାଲକାନଗିରି,୨୦।୭(ଡି.ଏନ୍.ଏ.): ମାଲକାନଗିରି ଜିଲାରେ ପୁଣି ୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ଚିହ୍ନଟ ବ୍ୟକ୍ତି ମାଲକାନଗିରି ପୌରାଞ୍ଚଳର ବୋଲି ସୂଚନା ମିଳିଛି। ତେବେ ଏମାନେ ଅନ୍ୟ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୨୯୬ରେ ପହଞ୍ଚିଛି। ସେଥିମଧ୍ୟରୁ ୧୭୦ଜଣ ସୁସ୍ଥ ହୋଇଥିବାବେଳେ ୧୨୬ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି।

## ୨୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୪ଗିରଫ

ଜୟପୁର,୨୦।୭(ନି.ପ୍ର./ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦର ପୋଲିସ ୨୬ନମ୍ବର ଜାତୀୟ ରାଜପଥ ଘାଟି ରାସ୍ତାରୁ ରବିବାର ରାତିରେ ଏକ ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ କରିଛି। ସେଥିରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ ସହ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ୨ ଗଞ୍ଜେଇ ଚାଲାଣକାରୀ ଜୟପୁର ଟାଉନ ଥାନା ଅଧୀନ ଢେପଗୁଡ଼ାର ଅବିନାଶ ପଲାଇ(୨୪), ହୀରା ବାହାଦୁର (୩୩)ଙ୍କ ସମେତ ବିହାର ଭେଜାପୁର ଜିଲାର ଟ୍ରକ୍ ଚାଳକ ବିନୋଦ ଯାଦବ(୨୫) ଏବଂ ହେଲ୍‌ପର ରାହୁଲ କୁମାର(୧୮)।

ସୂଚନା ଅନୁଯାୟୀ, ସ୍ଥାନୀୟ ବନଦୁର୍ଗା ମନ୍ଦିର ନିକଟରେ ସନ୍ଦେହଜନକ ସାମଗ୍ରୀ ବୋଝେଇ ଏକ ଟ୍ରକ୍(ଡବ୍ଲ୍ୟୁବି-୧୧ବି-୪୮୯୨)ଅଟକିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଗାଡ଼ିରୁ ୪୨ବସ୍ତା(୧୦କୁଇଣ୍ଟାଲ ୨କେଜି ୪ଶହ ଗ୍ରାମ) ଗଞ୍ଜେଇ ବାହାରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଜି. ବରୁଣ ଏବଂ ସଦର ଥାନା ଆଇଆଇସି ଆଦିତ୍ୟ ମହାକୁର ସୂଚନା ଦେଇଛନ୍ତି। ତେବେ ଗଞ୍ଜେଇ କାରବାରର ମାଷ୍ଟରମାଇଣ୍ଡ ଢେପଗଡ଼ା ଅଞ୍ଚଳର ଦୁର୍ଦ୍ଧାନ୍ତ ଅପରାଧି କାଲୁ ଶର୍ମା, ତାଙ୍କ ପୁତୁରା ଦିଲୀପ ବାହାଦୁର(ଡୋଲୁ) ଏବଂ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଗିରଫମାନଙ୍କ ନିକଟରୁ ୫ମୋବାଇଲ, ୨୩୨୦ଟଙ୍କା, ୧ହଜାର ଲିଟର କ୍ଷମତା ବିଶିଷ୍ଟ ୯ନୂଆ ପାଣିଟାଙ୍କି ଜବତ କରାଯାଇଛି। ଚଢ଼ାଉବେଳେ ଏସ୍‌ଆଇ ପି.କେ. ମହାନ୍ତି. ଏଏସ୍‌ଆଇ ସର୍କାର ଏବଂ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ। ଉକ୍ତ ଗଞ୍ଜେଇ ମାଛକୁଣ୍ଡ ଥାନା ଅଞ୍ଚଳରୁ ଛତିଶଗଡ଼ର ରାୟପୁରକୁ ଚାଲାଣ କରାଯାଉଥିଲା ବୋଲି ସୂଚନା ମିଳିଛି ।



ଜବତ ଗଞ୍ଜେଇ ।

## ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ ୧୨ ପୋଲିସ କରୋନା ଯୋଦ୍ଧା

ଛତ୍ରପୁର,୨୦।୭(ଡି.ଏନ.ଏ.)

ଗଞ୍ଜାମ ଜିଲାର ୧୨ ଜଣ ପୋଲିସ ଯୋଦ୍ଧା କରୋନା ସଂକ୍ରମିତ ହୋଇ ସୁସ୍ଥ ହେବା ପରେ ରବିବାର ପୁଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏମାନେ ଆସିକା ଓ ଭଞ୍ଜନଗର ଥାନାରେ କାର୍ଯ୍ୟ କରୁଥିବାବେଳେ ସଂକ୍ରମିତ ହୋଇଥିଲେ। ଏ ସମ୍ପର୍କରେ ଗଞ୍ଜାମ ଏସ୍‌ପିଙ୍କ ଟୁଇଟ ଉପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଟୁଇଟ କରିଛନ୍ତି।

**ରିଟୁଇଟ କଲେ ମୁଖ୍ୟମନ୍ତ୍ରୀ**

ସେହିପରି ପ୍ରତି କରୋନା ଯୋଦ୍ଧାଙ୍କ ପାଇଁ ଆମେ ଗର୍ବିତ ବୋଲି ସୋମବାର ଡିଜିପି ଅଭୟ ଟୁଇଟ କରି କହିଛନ୍ତି। ଏହାପୂର୍ବରୁ କରୋନାକୁ ହରାଇ ପୁଣି ଥରେ କାର୍ଯ୍ୟରେ ଯୋଗଦେଇଥିବା ଏହି ହିରୋମାନଙ୍କ ପାଇଁ ଆମେ ଗର୍ବିତ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ କରିଥିଲେ ।

# ଓଷାପଡ଼ା କୋଭିଡ୍ କେୟାର ସେଣ୍ଟରରେ ଜିଲାପାଳ

ରାୟଗଡ଼ା ଅଫିସ, ୨୦।୭:

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ସୋମବାର କାଶିପୁର ବ୍ଲକ୍ ଓଷାପଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ପ୍ରସ୍ତୁତ ୟ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଶିଳ୍ପ ସଂସ୍ଥା, ଜିଲା ପୋଲିସ, ଅର୍ଦ୍ଧ ସାମରିକ ବହିନୀ, ରେଲବାଇ, ଶିକ୍ଷାନୁଷ୍ଠାନମାନେ ସେମାନଙ୍କ କର୍ମଚାରୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଗୋଟିଏ ଲେଖାଏ କୋଭିଡି କେୟାର ସେଣ୍ଟର ଖୋଲି ଚିକିତ୍ସା ସୁବିଧା ଯୋଗାଇବେ।

ତେଣୁ ଉତ୍କଳ ହସ୍ପିଟାଲକୁ କୋଭିଡ୍ କେୟାର ସେଣ୍ଟରରେ ପରିଣତ କରିବା ନିମନ୍ତେ ହୋଇଥିବା ବ୍ୟବସ୍ଥାର ଜିଲାପାଳ ଅନୁଧ୍ୟାନ କରିଛନ୍ତି। ଏହି ସମୟରେ କମ୍ପାନୀ ସଭାପତି ତଥା ୟୁନିଟ ମୁଖ୍ୟ ଏନ. ନାଗେଶ ଉପସ୍ଥିତ ଥିଲେ। ଜିଲାପାଳ ହସ୍ପିଟାଲର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟ ଡାକ୍ତରମାନଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ସେହିପରି ଜ୍ୱର କ୍ଲିନିକ, ଆଇସିୟୁ., ଓ.ଟି, କ୍ୱାରାଣ୍ଟାଇନ ୱାର୍ଡ ବୁଲି ଦେଖିଥିଲେ। ଏହି ସମୟରେ ଅକ୍ସିଜେନ୍ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ପରିଦର୍ଶନବେଳେ ଜିଲାପାଳଙ୍କ ସହ କାଶିପୁର ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ରାୟଗଡା ପୌରପରିଷଦ ଅଞ୍ଚଳରେ ଏବଂ ଜେକେପୁର ଶିଳ୍ପାଞ୍ଚଳରେ ହେବାକୁ ଥିବା ୨୦ ଶଯ୍ୟା ବିଶିଷ୍ଟ କୋଭଡ୍ ସେଣ୍ଟର ପରିଦର୍ଶନ କରିଥିଲେ । ଏଠାରେ ପୌରପରିଷଦର ରୋଗୀଙ୍କ ଚିକିତ୍ସା କରାଯିବ। ସେହିପରି ଜେକେ କାଗଜକଳ ଶିଳ୍ପ ସଂସ୍ଥାର କର୍ମଚାରୀ କମ୍ପାନୀ କୋଭିଡି କେୟାର ସେଣ୍ଟରରେ ଚିକିତ୍ସିତ ହେବେ ବୋଲି ସୂଚନା ମିଳିଛି।



ଜିଲାପାଳ ଓଷାପଡାସ୍ଥିତ କୋଭିଡ କେୟାର ସେଣ୍ଟର ଅନୁଧ୍ୟାନ କରୁଛନ୍ତି ।

# ମହିଳାଙ୍କୁ ନିର୍ଯାତନା ଦେଇ ଗୁଣିଆ ଗିରଫ

ମାଲକାନଗିର,୨୦।୭ (ଡି.ଏନ୍.ଏ./ସ୍ୱ.ପ୍ର.):

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିନାହିଁ। ଚିକିତ୍ସା ପାଇଁ ଡାକ୍ତର ବଦଳରେ ଗୁଣିଆ ଉପରେ ଭରସା କରୁଛନ୍ତି ; ଯଦ୍ଦ୍ୱାରା ଅନେକ ସମୟରେ ଲୋକେ ନିର୍ଯାତନା ଏବଂ ମୃତ୍ୟୁର ଶିକାର ହେଉଛନ୍ତି। ମାଲକାନଗିରି ଜିଲା ସଦର ବ୍ଲକ୍ ତଣ୍ଡାପାଲ୍ଲୀ ପଞ୍ଚାୟତ ଅଧୀନ ଏମ୍‌ଭି-୬ ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କୁ ଗୁଣିଆ ନିସ୍ଥୁକ ମାଡ଼ ମାରିବା ସହ ତାଙ୍କୁ ଘୁଷୁରି ବିଷ୍ଠା ଖୁଆଇଛନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଗୁଣିଆଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗାଁର ସନ୍ତୋଷ ଅରାଉଙ୍କ ସ୍ତ୍ରୀ ଲିପିକାଙ୍କ ଜଣେ ସମ୍ପର୍କୀୟ ମହିଳାଙ୍କ ୩ମାସ ତଳେ ମୃତ୍ୟୁ ହୋଇଥିଲା। ସନ୍ତୋଷ ଏବଂ ଲିପିକା ତାଙ୍କୁ ଦେଖିବାକୁ ଯାଇଥିଲେ। ତେବେ ଲିପିକା ମଧ୍ୟ ସେ ସମୟରେ ୩ମାସର ଗର୍ଭବତୀ ଥିଲେ। ପରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ଗତ ସପ୍ତାହରେ ଲିପିକାଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ତେଣୁ ତାଙ୍କ ଶରୀରରେ ମୃତ ମହିଳାଙ୍କ ଆତ୍ମା ପ୍ରବେଶ କରିଥିବା ସନ୍ଦେହକରି ପରିବାର ଲୋକେ ଗୁଣିଆ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ରବିବାର ଗୁଣିଆ ଭୂତ ନାଁରେ ଲିପିକାଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ନିଆଁ ଧାସ ମଧ୍ୟ ଦେଇଥିଲେ। ଫଳରେ ଲିପିକାଙ୍କ ମୁହଁ ପୋଡ଼ିଯାଇଛି। ସେହିପରି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏତିକିରେ ମନ ନ ବୁଝିବାରୁ ଗୁଣିଆ ତାଙ୍କୁ ଘୁଷୁରି ବିଷ୍ଠା ଖୁଆଇଥିବା ଜଣାପଡ଼ିଛି। ଏଥିରେ ଲିପିକା ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣା ରବିବାର ରାତିରେ ସାମ୍ନାକୁ ଆସିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ଗୁଣିଆ ମିହିର୍ ମୁଣ୍ଡାଙ୍କୁ ଗିରଫ କରାଯାଇଥିବା ମାଲକାନଗିରି ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି। ସେହିପରି ଗାଁ ମୁଖିଆ ସୁବୋଧ ମୁଣ୍ଡା କହିଛନ୍ତି, ଏଥିପୂର୍ବରୁ ଆଶାକର୍ମୀ ଲକ୍ଷ୍ମୀ ମୁଣ୍ଡା, ଅଙ୍ଗନୱାଡି କର୍ମୀ ପାର୍ବତୀ ମୁଣ୍ଡା ଲିପିକା ଏବଂ ତାଙ୍କ ପରିବାରକୁ ସଚେତନ କରାଇଥିଲେ। ତଥାପି ସେମାନେ ଅନ୍ଧବିଶ୍ୱାସରେ ପଡ଼ି ଗୁଣିଆର ଶିକାର ହୋଇଛନ୍ତି। ଲିପିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ମାଲକାନଗିରି ଚିକିତ୍ସାଳୟରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

**ଦୂରହେଉନି ଅନ୍ଧବିଶ୍ୱାସ**



ଗୁଣିଆର ଶିକାର ହୋଇଥିବା ମହିଳା ।

